# ନାରୀ

ପ୍ରେୟସୀଗୋ ତୁମ ଭଲ ପାଇବାର
ଅନନ୍ତ ବିଶ୍ୱ ସୀମା
ସରହଦ ଡିଆଁ ମୁଗ୍ଧ କବି ମୁଁ
ନିତି ଦେଖେ ସିନ୍ଦୁରିମା ।
ନୀଳ ସାଗରର ନୀଳିମା ମାପଇ
ମୁଗ୍ଧ ନୟନେ ତବ
ମନର ତଡ଼ାଗେ ନିତି ନିମଜ୍ଜଇ
ଦେଇ ହୃଦ ବଇଭବ ।
କିଏ କହେ ନାରୀ ରକତ ମାଉଁସ
ଗଢା ଏକ ଭବ୍ୟ ମୂର୍ତ୍ତି
ମୁଁ ଦେଖଇ ତହିଁ ଶତ ହୃଦୟର
ଭଲ ପାଇବାର ସ୍ଫୁର୍ତ୍ତି ।
ତୁମେ ଦେଖ ନାରୀ ରକ୍ତ ମାଂସର
କୁତ୍ସିତ ନଗ୍ନ ସ୍ତୁପ
ମୁଁ ଦେଖଇ ତହିଁ କୋଟି ହୃଦୟର
ତନ୍ଦ୍ରିତ ପ୍ରେମ ରୂପ ।
ହୃଦ ଅୟନର ପ୍ରତିଟି ରେଣୁରେ
ମୁକ୍ତ ସମୀର ଖେଳେ
ମନ କୁଞ୍ଜର କନକ ଚଂପା
ବାସ ବିତରଇ ହେଳେ ।
ଶୀତଳ ମୟୂଖ ଲାଗଇ ଶାନ୍ତ
ନୀଳ ଜଳଦର ଅଂଗେ
ମନର ମୟୂଖ ଶାନ୍ତ ଲଭଇ
ସଂଗୋପନେ ପ୍ରିୟ ସଂଗେ ।

ଗହନ ବନର ସବୁଜ ମଥାନେ
ଚନ୍ଦ୍ର ଉଆଁଇ ଯେବେ
ଚକ୍ଷୁ ନିମୀଳିତ କିଶୋରୀ ବଧୂଟି
ପ୍ରିୟ ବିଥି ଚାହିଁ ଭାବେ।
ଏକଇ ଜନନୀ ଶତ ପୁତ୍ରରେ
ସ୍ନେହେ ପାରେ ଅବଗାହୀ
ଏକ ପ୍ରେମିକାର ମୁଗ୍ଧ ତନୁରେ
ପ୍ରିୟ ପାରେ ସିନା ଜୀଇଁ।
ବିଭୁ ସର୍ଜନାରେ ଅନନ୍ତ ବିଶ୍ୱ
ସୁନ୍ଦରେ ତୃପ୍ତି ପାଇଁ
ତା ସଙ୍ଗେ ସୃଜିଲେ ମୁଗ୍ଧା କିଶୋରୀ
ସୁନ୍ଦରତା ଭରି ଦେଇ।
କାହିଁକି ଯେ ସଖି କୃଷ୍ଣ ଗବାକ୍ଷେ
ସଂସାର କୃଷ୍ଣ ଲାଗେ
କାହିଁକି ଯେ ସଖି ସୁରଭି ସୁମନେ
ମଧୁପର ଧାଡ଼ି ଲାଗେ।
କାହିଁକି ଯେ ସତେ ତନ୍ୱୀବାଳାଟି
ବହ୍ନି ବଳୟ ମାଗେ
କାହିଁକି ଗୋ ସତେ ସୁରଭିତ ତନୁ
ନିର୍ବାପଇ ରଜ୍ଜୁଧାଗେ।
ଅଶାନ୍ତ ନିବିଡ଼ କୃଷ୍ଣ ରାତ୍ରିରେ
ଏକଇ ଦୀପାଳୀ ଜାଳି
ବିକସାଇ ଦିଅ କନକ ଚମ୍ପା
ସ୍ରଷ୍ଟା ଉଠିବେ ଲୁଳି।
ସୁନ୍ଦରତର ସୃଷ୍ଟିରେ ପରା
ସୁନ୍ଦରତମ ନାରୀ
ସେନେହ ଦୀପରେ ଭାସ୍ୱର କର
ସିଞ୍ଚି ପ୍ରେମାମୃତ ବାରି।

❑❑❑